# NATIONAL NEWS BULLETIN (ODIA)
## 10th September' 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ୨୦ ହଜାର ୮ଶହ କୋଟିରୁ ଅଧିକ ଟଙ୍କାର ନିବେଶ ମାଧ୍ୟମରେ ୮ଟି ବହୁଟ୍ରାକ୍ ବିଶିଷ୍ଟ ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ।
- ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଭାରତ ଗସ୍ତରେ ଆସି ପହଞ୍ଚିଲେ ପ୍ରିନ୍ସ ରହିମ୍ ଆଗା ଖାଁ ପଞ୍ଚମ ।
- ହର୍ମୁଜ୍ ପ୍ରଣାଳୀର ପ୍ରତିବନ୍ଧିତ ଜଳମାର୍ଗ ଅଞ୍ଚଳରେ ପ୍ରବେଶ ନେଇ ସତର୍କତା ଜାରି କଲା ଇରାନ୍ ।
- ଆର୍ଥିକ ଅପରାଧପାଇଁ ଗେମିଂ ଓ ଜୁଆ ଖେଳ ଭଳି ପ୍ଲାଟ୍‌ଫର୍ମର ଅପବ୍ୟବହାର ସମ୍ପର୍କରେ ସତର୍କ ରହିବାକୁ ଏଫ୍.ଏ.ଟି.ଏଫ୍.ର ସୂଚନା ।

ଏବଂ

- ୟୁ.ଏସ୍. ଓପନ୍ ମହିଳା ସେମିଫାଇନାଲ୍‌ରେ ଆସନ୍ତାକାଲି ଆରିନା ସାମାଲେଙ୍କା ଓ ଜେସିକା ପେଗୁଲାଙ୍କ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍ ।

## କ୍ୟାବିନେଟ୍ - ରେଲ୍‌ୱେ

କେନ୍ଦ୍ର ସରକାର ୨୦ ହଜାର ୮ ଶହ କୋଟିରୁ ଅଧିକ ଟଙ୍କାର ନିବେଶ ମାଧ୍ୟମରେ ୮ଟି ବହୁ ଟ୍ରାକ୍ ବିଶିଷ୍ଟ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହିସବୁ ପ୍ରକଳ୍ପଦ୍ୱାରା ରେଳ ସେବା ସାମର୍ଥ୍ୟ ବୃଦ୍ଧି ପାଇବା ସହ ପରିଚାଳନାଗତ ଦକ୍ଷତା ଓ ପ୍ରମୁଖ ରେଳମାର୍ଗଗୁଡ଼ିକରେ ଯାତ୍ରୀଭିଡ଼ ହ୍ରାସ ପାଇବ । ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ତିନୋଟି ବହୁ ଟ୍ରାକ୍ ବିଶିଷ୍ଟ ପ୍ରକଳ୍ପ ଲାଗି ୧୦ ହଜାର ୭୮୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ୧୪ଟି ଜିଲ୍ଲାକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ଭାରତୀୟ ରେଳବାଇର ନେଟ୍‌ୱର୍କ ପ୍ରାୟ ୬୫୬ କିଲୋମିଟର ବୃଦ୍ଧି ପାଇବ ବୋଲି ରେଳମନ୍ତ୍ରୀ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ଅଧୀନରେ ଖଡ଼ଗପୁରରୁ ଝାରସୁଗୁଡ଼ା ଏବଂ କଟନିରୁ ପେଣ୍ଡ୍ରା ରୋଡ୍ ମଧ୍ୟରେ ଚତୁର୍ଥ ଲାଇନ୍ ଏବଂ

ବିଳାସପୁରରୁ ପେଣ୍ଡ୍ରା ରୋଡ୍ ତୃତୀୟ ଲାଇନ୍ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକୁ ଆସନ୍ତା ୨୦୨୯-୩୦ ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

***Voice (Baishava - Khadagpur to Odisha) :........***

ରେଳମନ୍ତ୍ରୀ କହିଛନ୍ତି, ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଅନ୍ୟ ୭ଟି ରେଳ କରିଡ଼ରକୁ ୪ ଲାଇନ୍ କରାଯିବ । ଏଥିରେ ୧୧ ହଜାର କିଲୋମିଟରର ବିକାଶ କାର୍ଯ୍ୟ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସେହି ରେଳପଥଗୁଡ଼ିକ ହେଉଛି - ଦିଲ୍ଲୀ-ହାଓଡ଼ା, ମୁମ୍ବାଇ-ହାଓଡ଼ା, ଦିଲ୍ଲୀ-ମୁମ୍ବାଇ, ଦିଲ୍ଲୀ-ଗୌହାଟୀ, ଦିଲ୍ଲୀ-ଚେନ୍ନାଇ, ହାଓଡ଼ା-ଚେନ୍ନାଇ ଏବଂ ମୁମ୍ବାଇ-ଚେନ୍ନାଇ ରୁଟ୍ ।

ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି, ଆସନ୍ତା ବର୍ଷ ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ କରାଯିବ । ସମ୍ପୃକ୍ତ କରିଡ଼ର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ପ୍ରାଥମିକ ଭାବେ ସୁରଟରୁ ଭାପି ପର୍ଯ୍ୟନ୍ତ ୧୦୦ କିଲୋମିଟର ସେକ୍ସନ୍‌କୁ ଏଥିଲାଗି ଉନ୍ମୁକ୍ତ କରାଯିବ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

***Voice (Baishava - on Bullet Train) :........***

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, କ୍ୟାବିନେଟ୍‌ର ଏହି ନିଷ୍ପତ୍ତିଦ୍ୱାରା ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଦ୍ରୁତଗତି ମିଳିବା ସହ ସଂଯୋଗୀକରଣ ବ୍ୟବସ୍ଥା ଆହୁରି ଦୃଢ଼ ହେବ ଏବଂ ମାଲ୍ ପରିବହନ କ୍ଷମତା ମଧ୍ୟ ବୃଦ୍ଧି ପାଇବ । ଶ୍ରୀ

ମୋଦି କହିଛନ୍ତି, ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକ ଦେଶରେ ପର୍ଯ୍ୟଟନ ଶିଳ୍ପର ବୃଦ୍ଧି କରିବା ସହ ମାଲ ପରିବହନ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ।

## ଆଗା ଖାଁ - ଇଣ୍ଡିଆ ଭିଜିଟ୍

ଇସ୍‌ମାଇଲ୍ ମୁସ୍‌ଲିମ୍ ସମୁଦାୟର ୫୦ତମ ଇମାମ୍ ପ୍ରିନ୍ସ ରହିମ୍ ଆଗା ଖାଁ-ପଞ୍ଚମ ଗତକାଲି ଭାରତ ଯାତ୍ରାରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଭାରତୀୟ ପ୍ରତିନିଧି ମଣ୍ଡଳି ତାଙ୍କୁ ସ୍ୱାଗତ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଗସ୍ତ ଭାରତରେ ଆଗା ଖାଁ ବିକାଶ ନେଟ୍‌ୱାର୍କ ଅଧୀନରେ ସାମାଜିକ ଉନ୍ନତି ଓ ଐତିହ୍ୟ ସଂରକ୍ଷଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟରେ ସହଯୋଗ ବୃଦ୍ଧି କରିବ । ପ୍ରିନ୍ସ ରହିମ୍ ଆଗା ଖାଁ' ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ନିମନ୍ତ୍ରଣକ୍ରମେ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି । ଆଜି ସେ ଉପରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଏହି ଗସ୍ତ କାଳରେ ଆଗା ଖାଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ମଧ୍ୟ ସାକ୍ଷାତ୍ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଆଗା ଖାଁ

ଅହମ୍ମଦାବାଦ, ମୁମ୍ବାଇ ଏବଂ ହାଇଦ୍ରାବାଦ ଗସ୍ତକରି ଆଗା ଖାଁ ବିକାଶ ମୂଳକ ନେଟ୍‌ୱାର୍କର ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିବେ ।

## ୟୁ.ଏସ୍. - ଇରାନ୍

ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ୍ କର୍ପସ୍-ଆଇ.ଆର୍.ଜି.ସି. ପ୍ରାକ୍ ଅନୁମତି ବିନା ପ୍ରତିବନ୍ଧିତ ଜଳମାର୍ଗ ଅଞ୍ଚଳକୁ ଜାହାଜ ପ୍ରବେଶ ନେଇ ସତର୍କତା ଜାରି କରିଛି । ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଆଇ.ଆର୍.ଜି.ସି.ର ମୁଖପାତ୍ର ହୁସେନ୍ ମୋହେବି କହିଛନ୍ତି, ପ୍ରତିବନ୍ଧିତ ଅଞ୍ଚଳରେ ପ୍ରବେଶ କଲେ ହର୍ମୁଜ୍ ପ୍ରଣାଳୀ ମଧ୍ୟକୁ ପ୍ରବେଶ ପାଇଁ ପୂର୍ବରୁ ଦିଆଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯିବ । ସେ କହିଛନ୍ତି, ଆଗାମୀ ଦିନରେ ଇରାନ୍ ପକ୍ଷରୁ କେଉଁ ଅଞ୍ଚଳକୁ ପ୍ରବେଶ କରିବାକୁ ହେବ, ସେ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ । ଇରାନ୍‌ର ତୈଳ ଟ୍ୟାଙ୍କରଗୁଡ଼ିକ ଉପରେ ଆମେରିକାର ସଦ୍ୟ ଆକ୍ରମଣ ପରେ ଆଇ.ଆର୍.ଜି.ସି. ପକ୍ଷରୁ ଏହି ସତର୍କତା ଜାରି କରାଯାଇଛି । ତେବେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକା କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ରାତିରେ ୫ଟି ଅଶୋଧିତ ତୈଳ ନେଇ ଯାଉଥିବା ଇରାନ୍‌ର ଟ୍ୟାଙ୍କରକୁ ଧ୍ୱଂସ କରି ଦିଆଯାଇଛି ।

ପୂର୍ବରୁ ଆମେରିକୀୟ ନୌସେନାର ଯୁଦ୍ଧ ଜାହାଜ ଉପରେ ଆଇ.ଆର୍.ଜି.ସି.ର ଆକ୍ରମଣ ଜବାବରେ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି । ଅନ୍ୟପକ୍ଷରେ ୮ଟି ଆମେରିକୀୟ ଟ୍ୟାଙ୍କର୍‌କୁ ଧ୍ୱଂସ କରାଯାଇଥିବା ଆଇ.ଆର୍.ଜି.ସି. ଦାବି କରିଛି ।

## ଏଫ.ଏ.ଟି.ଏଫ୍.

ଆର୍ଥିକ ଅପରାଧ ପାଇଁ ଗେମିଂ ଏବଂ ଜୁଆ ଖେଳ ଭଳି ପ୍ଲାଟ୍‌ଫର୍ମର ବୃଦ୍ଧି ପାଉଥିବା ଅପବ୍ୟବହାର ସମ୍ପର୍କରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ- ଏଫ୍.ଏ.ଟି.ଏଫ୍. ବିଭିନ୍ନ ଦେଶକୁ ଚେତାବନୀ ଜାରି କରିଛି । ଏଫ୍.ଏ.ଟି.ଏଫ୍.ର ସୂଚନା ଅନୁଯାୟୀ ଅପରାଧୀମାନେ ଅର୍ଥ ସ୍ଥାନାନ୍ତରପାଇଁ ବିଭିନ୍ନ ପ୍ଲାଟ୍‌ଫର୍ମ ବ୍ୟବହାର କରୁଛନ୍ତି । ଅନେକଗୁଡ଼ିଏ ଦେଶରେ ଅଣଲାଇସେନ୍ସପ୍ରାପ୍ତ ଗେମିଂଗୁଡ଼ିକୁ ଚିହ୍ନଟ କରାଯାଇଛି । ସମ୍ପୃକ୍ତ ଅପରାଧୀମାନେ ବିଭିନ୍ନ ନେଣଦେଣ ପଦ୍ଧତି, ନକଲି ପରିଚୟ ବ୍ୟବହାର କରି ସେମାନଙ୍କର ନେଟ୍‌ୱାର୍କ ବିସ୍ତାର କରିଥିବା ଏଫ୍.ଏ.ଟି.ଏଫ୍. ସୂଚନା ଦେଇଛି । ବିଭିନ୍ନ ଦେଶର ସରକାର ଏଭଳି ଅପରାଧିକ କାର୍ଯ୍ୟକଳାପ ରୋକିବା ଲାଗି ସନ୍ଦେହଜନକ ନେଣଦେଣ ଏବଂ ଆତଙ୍କବାଦୀମାନଙ୍କୁ

ଯୋଗାଇ ଦିଆଯାଉଥିବା ଅର୍ଥ ଉତ୍ସ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବାକୁ ଏଫ୍.ଏ.ଟି.ଏଫ୍. ସୂଚନା ଦେଇଛି ।

## ଗୋୟଲ୍ – ବ୍ରିକ୍ସ ଓ୍ୱିମେନ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ମହିଳା ଉଦ୍ୟୋଗୀମାନଙ୍କପାଇଁ ସୁଯୋଗ ବୃଦ୍ଧି କରିବା ଏବଂ ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ବୃଦ୍ଧି ନିମନ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀରେ ବ୍ରିକ୍ସ ଡବ୍ଲ୍ୟୁ.ବି.ଏଲ୍. ମହିଳା ନେତୃତ୍ୱାଧୀନ ବିକାଶ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ୍’ ମହିଳା ଆଧାରିତ ଉଦ୍ୟୋଗ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଭାରତ ଆର୍ଥିକ ଅନ୍ତର୍ଭୁକ୍ତି, ଶିକ୍ଷା, ଦକ୍ଷତା ଓ ଜୀବ ଧାରଣର ମାନ ବିକାଶ ଉପରେ ଗୁରୁତ୍ୱ ଦେଇ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ପ୍ରଚେଷ୍ଟା ଜାରି ରଖିଛି । ଦେଶର ବିକାଶରେ ମହିଳାମାନଙ୍କ ଭାଗିଦାରିତା ବୃଦ୍ଧି ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଶ୍ରୀ ଗୋୟଲ୍ କହଛନ୍ତି । ଦେଶରେ ୩୦ କୋଟି ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଖୋଲା ଯାଇଥିବାବେଳେ ସେମାନଙ୍କୁ ବନ୍ଧକବିହୀନ ଋଣ ଯୋଗାଇ ଦିଆଯାଇଛି । ଶ୍ରୀ ଗୋୟଲ୍ କହିଛନ୍ତି, ଭାରତରେ ପ୍ରାୟ ୧୦

କୋଟି ଗ୍ରାମୀଣ ମହିଳାଙ୍କୁ ନେଇ ୯ ମିଲିୟନ୍‌ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଲକ୍ଷପତି ଦିଦି ସୃଷ୍ଟି କରିବା ଲାଗି ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି । ଦେଶର ବିକାଶ ଦିଗରେ ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ନିଶ୍ଚିତ କରିବା ଲାଗି ସରକାର ପଦକ୍ଷେପ ନେଉଥିବା ଶ୍ରୀ ଗୋୟଲ୍ କହିଛନ୍ତି ।

## ଏମ୍.ସି.ଡି.

ଦିଲ୍ଲୀ ମହାନଗର ନିଗମ ସେଠାକାର ୧୨ଟି ଜୋନ୍‌ରେ ବିପଦପୂର୍ଣ୍ଣ କୋଠା, ଅନୁମତି ନ ଥିବା ନିର୍ମାଣ ଏବଂ ମାଷ୍ଟର ପ୍ଲାନ୍‌ର ଉଲ୍ଲଙ୍ଘନ କରି ନିର୍ମାଣ ହୋଇଥିବା କୋଠାଗୁଡ଼ିକ ଉପରେ ଦୃଢ଼ ପଦକ୍ଷେପ ନେବା ଆରମ୍ଭ କରିଛି । ଗତକାଲି ୩୪ଟି କୋଠା ଭାଙ୍ଗିବା କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଏହା ବ୍ୟତୀତ ୧୭ଟି ସ୍ଥାନକୁ ସିଲ୍ କରାଯାଇଥିବାବେଳେ ୨୨ଟିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେଥିମଧ୍ୟରୁ ୪ଟି କୋଠାକୁ ଭାଙ୍ଗିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାଯାଇଛି । ଗତ ମଙ୍ଗଳବାର ଦିନ ୧୭ଟି ସ୍ଥାନରେ ଥିବା ବିପଦପୂର୍ଣ୍ଣ କୋଠାକୁ ଭାଙ୍ଗି ଦିଆଯାଇଥିବାବେଳେ ଅନ୍ୟ ୫ଟିକୁ ସିଲ୍ କରାଯାଇଛି । ସୂଚନା ଅନୁଯାୟୀ ଦିଲ୍ଲୀର ପ୍ରାୟ ୧ ହଜାର ୨୪୩ଟି କୋଠାରେ ୨୪ ହଜାରରୁ ଅଧିକ ଅଧିବାସୀ ରହୁଛନ୍ତି । ଅନ୍ୟାନ୍ୟ

ଅଞ୍ଚଳରେ ଥିବା ବିପଦପୂର୍ଣ୍ଣ କୋଠାଗୁଡ଼ିକର ଚିହ୍ନଟ କାର୍ଯ୍ୟ ଆଜି ଶେଷ ହେବ ବୋଲି ଜଣାପଡ଼ିଛି ।

## ଡି.ଆର୍.ଆଇ. ୬ ଅପରେସନ୍

ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଗତ ୧୦ ଦିନ ମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳରେ ୬ଟି ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରିଛି । ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ ଏହି ଅଭିଯାନ ସମୟରେ ୨ଟି ବାଘଛାଲ, ୧୮୦ଟି ଜିବିତ ଭାରତୀୟ କଇଁଛ, ୧୨ଟି ଜିବିତ ଟୋକେ ଗେକୋ ଏବଂ ୨୪ କିଲୋଗ୍ରାମ ପେଙ୍ଗୋଲିନ୍ ଛାଲ ତଥା ୫ ଶହ ଗ୍ରାମ୍‌ରୁ ଅଧିକ ବାଘ ହାଡ଼ ଜବତ କରାଯାଇଛି । ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଘଟଣାରେ ୧୩ ଜଣଙ୍କୁ ଗିରଫ କରାଯାଇଛି । ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ ଦେଶର ବିଭିନ୍ନ ଅଞ୍ଚଳରେ ସଂରକ୍ଷିତ ବନ୍ୟଜୀବଙ୍କ ଚୋରାଚାଲାଣ ହେଉଥିବା ଜଣାପଡ଼ିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଇଣ୍ଡିଆ - ୱାର୍ଲ୍ଡ ସ୍କିଲ୍

ଚୀନ୍‌ର ସାଂଘାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ୪୮ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପ୍ରଥମଥର ଲାଗି ୧୧ଟି ନୂତନ ବର୍ଗରେ ଭାରତ ଭାଗ ନେବ । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୬୪ଟି ବର୍ଗରୁ ୬୩ଟିରେ ଭାରତ ଅଂଶଗ୍ରହଣ କରିବ । ଭାରତୀୟ ଦଳରେ ମୋଟ୍ ୬୦ ଜଣ ପ୍ରତିଯୋଗୀଙ୍କୁ ସାମିଲ କରାଯାଇଛି ।

## ବର୍ମା - ବିସ୍ ଚେନ୍ନାଇ ଭିଜିଟ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା ଭାରତୀୟ ମାନକ ବ୍ୟୁରୋର ଚେନ୍ନାଇସ୍ଥିତ ଆଞ୍ଚଳିକ ପରୀକ୍ଷାଗାର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀ ବର୍ମା ଅଧିକାରୀମାନଙ୍କ ସହ ବାର୍ତ୍ତାଳାପ କରି ଦେଶରେ ବିଭିନ୍ନ ସାମଗ୍ରୀର ମାନ ନିର୍ଦ୍ଧାରଣ, ସାମଗ୍ରୀ ପ୍ରମାଣୀକରଣ, ହଲ୍‌ମାର୍ଗ ପ୍ରଦାନ ଏବଂ ବାଧ୍ୟତାମୂଳକ ପଞ୍ଜୀକରଣ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶଂସା କରିଛନ୍ତି । ସେ

କହିଛନ୍ତି, ବି.ଆଇ.ଏସ୍. ଭାରତୀୟ ଉପଭୋକ୍ତାଙ୍କ ଲାଗି ଗୁଣବତ୍ତାସମ୍ପନ୍ନ ସାମଗ୍ରୀ ନିଶ୍ଚିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

## ୟୁ.ଏସ୍. - ଓପନ୍

ୟୁ.ଏସ୍. ଓପନ୍ ପ୍ରତିଯୋଗିତାରେ ଆମେରିକାର ବେନ୍ ସେଲ୍‌ଟନ୍ ଓ ବିଶ୍ୱର ୧୧ତମ ମାନ୍ୟତାପ୍ରାପ୍ତ ଖେଳାଳି ଫ୍ରାନ୍‌ସିସ୍ ଟିଆଫୋ ପୁରୁଷ ଏକକ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଆସନ୍ତାକାଲି ହେବାକୁ ଥିବା ମହିଳା ସେମିଫାଇନାଲ୍‌ରେ ଆରିନା ସାବାଲେଙ୍କା ଓ ଜେସିକା ପେଗୁଲାଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟ ଏକ ମ୍ୟାଚ୍‌ରେ ଚତୁର୍ଥ ମାନ୍ୟତାପ୍ରାପ୍ତ କୋକୋ ଗଫ୍ ଓ କାଜାଖସ୍ତାନର ଏଲେନା ରାଇବାକିନାଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

*****